# REGIONAL NEWS UNIT, AIR CUTTACK

## Midday Bulletin (2.32PM)

### 28 May - 2026

**********************************

## ମୁଖ୍ୟ ସମ୍ବାଦ

- କୃଷି ଓ କୃଷକ କଲ୍ୟାଣକୁ ସରକାର ସର୍ବୋଚ୍ଚ ପ୍ରାଥମିକତା ପ୍ରଦାନ କରୁଛନ୍ତି; କହିଲେ କେନ୍ଦ୍ର କୃଷି ମନ୍ତ୍ରୀ
- ଭି.ଭି.ଆଇ.ପି.ଙ୍କ ଗସ୍ତ ଓ ସୁରକ୍ଷା ସମ୍ବନ୍ଧୀୟ ତଥ୍ୟ ପ୍ରକାଶ କ୍ଷେତ୍ରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ସରକାର
- ରାଜ୍ୟର ବିଭିନ୍ନ ସ୍ଥାନରେ ମୁସଲମାନ ସମ୍ପ୍ରଦାୟର ଭାଇ ଓ ଭଉଣୀ ପାଳନ କରୁଛନ୍ତି ଇଦ୍-ଉଜ୍-ଜୁହା

ଏବଂ

- 'ଶ୍ରେଷ୍ଠତ୍ୱ ପାଇଁ ଏକାଠି ହେବା'ର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ରକ୍ତ କର୍କଟ ଦିବସ

Desk

# ଖରିଫ ଋତୁ

ଚଳିତ ବର୍ଷ ଦେଶରେ ପ୍ରାୟ ୩୭ କୋଟି ୬୦ ଲକ୍ଷ ଟନ୍‌ରୁ ଅଧିକ ଖାଦ୍ୟଶସ୍ୟ ଉତ୍ପାଦିତ ହେବାର ଆକଳନ କରାଯାଇଛି ବୋଲି କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି। ନୂଆଦିଲ୍ଲୀଠାରେ ଆୟୋଜିତ ଖରିଫ ଅଭିଯାନ-୨୦୨୬ ଅନ୍ତର୍ଗତ ଜାତୀୟ କୃଷି ସମ୍ମିଳନୀକୁ ଉଦ୍‌ଘାଟନ କରି ମନ୍ତ୍ରୀ ଶ୍ରୀ ଚୌହାନ ଏହା କହିଛନ୍ତି। ସେ କହିଛନ୍ତି, ଭାରତରେ ପର୍ଯ୍ୟାପ୍ତ ଖାଦ୍ୟଶସ୍ୟ ରହିଛି। ଦେଶର ପରିଶ୍ରମୀ ଚାଷୀଙ୍କ ଯୋଗୁଁ ଏହା ସମ୍ଭବ ହୋଇପାରିଛି। ସରକାର ସର୍ବଦା କୃଷି ଏବଂ କୃଷକ କଲ୍ୟାଣକୁ ସର୍ବୋଚ୍ଚ ପ୍ରାଥମିକତା ପ୍ରଦାନ କରୁଛନ୍ତି। ଚୀନ୍‌କୁ ପଛରେ ପକାଇ ଭାରତ ଏବେ ବିଶ୍ୱର ସବୁଠାରୁ ବଡ଼ ଚାଉଳ ଉତ୍ପାଦନକାରୀ ଦେଶରେ ପରିଣତ ହୋଇଛି ବୋଲି ମନ୍ତ୍ରୀ ଶ୍ରୀ ଚୌହାନ କହିଛନ୍ତି। ଆଗାମୀ ଖରିଫ ଋତୁ କୃଷି କ୍ଷେତ୍ରକୁ ଅଧିକ ବିକାଶିତ କରିବାରେ ଏହି ଦୁଇଦିନିଆ ସମ୍ମିଳନୀ ଏକ ରୂପରେଖ ପ୍ରସ୍ତୁତ କରିବ ବୋଲି ଶ୍ରୀ ଚୌହାନ କହିଛନ୍ତି। ଜୈବିକ କୃଷି ସମ୍ବନ୍ଧିତ ଚାଷ ଏବଂ ଅନ୍ୟାନ୍ୟ କୃଷି ଭିତ୍ତିକ ପ୍ରସଙ୍ଗ ଉପରେ ମତବିନିମୟ ନେଇ ଏହି ସମ୍ମିଳନୀ ଏକ ମଞ୍ଚ ପ୍ରଦାନ କରିବ ବୋଲି ମନ୍ତ୍ରୀ ଶ୍ରୀ ଚୌହାନ କହିଛନ୍ତି।

**- V/O -**

ସମ୍ମିଳନୀରେ କେନ୍ଦ୍ର ଓ ରାଜ୍ୟସ୍ତରୀୟ ବିଭାଗୀୟ ବରିଷ୍ଠ ଅଧିକାରୀ, ଆଇ.ସି.ଏ.ଆର୍., କୃଷି ପ୍ରତିଷ୍ଠାନର ପ୍ରତିନିଧି, ବିଶେଷଜ୍ଞ ଏବଂ କୃଷି କ୍ଷେତ୍ର ସହ ଜଡ଼ିତ ଅଂଶୀଦାର ଯୋଗଦେଇ ଖରିଫ ଋତୁର ପ୍ରାଥମିକତା ଏବଂ ମିଳିତ କାର୍ଯ୍ୟପନ୍ଥା ପ୍ରସ୍ତୁତି ନେଇ ମତବିନିମୟ କରିବେ।

HS

## ସିବିଏସ୍ ଦ୍ୱାଦଶ ଶ୍ରେଣୀ

ପରୀକ୍ଷାରେ ସ୍ୱଚ୍ଛତା ଏବଂ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥକୁ ସୁରକ୍ଷିତ ରଖିବାକୁ ଦୃଷ୍ଟିରେ ରଖି ସି.ବି.ଏସ୍.ଇ. ଦ୍ୱାଦଶ ଶ୍ରେଣୀ ମୂଲ୍ୟାଙ୍କନରେ ପ୍ରଥମ ଥର ପାଇଁ ଡିଜିଟାଲ ବ୍ୟବସ୍ଥା ଆରମ୍ଭ କରାଯାଇଛି। ସି.ବି.ଏସ୍.ଇ. ଅଧିକାରୀଙ୍କ ସହ ବୈଠକ ପରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଏହି ଅନ୍ ସ୍କ୍ରିନ୍ ମାର୍କିଂ ଡିଜିଟାଲ ବ୍ୟବସ୍ଥା ଏକ ପ୍ରଗତିଶୀଳ ମାଧ୍ୟମ ପାଲଟିଛି। ଦେଶ ଏବଂ ବିଦେଶର ବହୁ ବିଶ୍ୱବିଦ୍ୟାଳୟ ଓ ପ୍ରତିଷ୍ଠାନ ଏହି ଅନ୍ ସ୍କ୍ରିନ୍ ମାର୍କିଂ ବ୍ୟବସ୍ଥା ଆପଣେଇବାକୁ ପ୍ରୟାସ ଜାରି ରଖିଛନ୍ତି ବୋଲି ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି। ବର୍ତ୍ତମାନ ସମୟରେ ସି.ବି.ଏସ୍.ଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ପାଇଁ ପୁନଃ ମୂଲ୍ୟାଙ୍କନ ପ୍ରକ୍ରିୟା ଜାରି ରହିଛି। ପ୍ରାୟ ୧୭ ଲକ୍ଷ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ଏବେ ସୁଦ୍ଧା ୪ ଲକ୍ଷ ଛାତ୍ରଛାତ୍ରୀ ଉତ୍ତର ଖାତା ପାଇପାରିଛନ୍ତି। ଏହି ପ୍ରକ୍ରିୟା ମାଧ୍ୟମରେ ପ୍ରାୟ ୪୦ କୋଟି ପରୀକ୍ଷାଖାତା ଫଟୋକପି କରାଯାଇଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

**- V/O –**

HS

## ଭିଭିଆଇପି ଗସ୍ତ

ଅତି ବିଶିଷ୍ଟ ବ୍ୟକ୍ତି– ଭି.ଭି.ଆଇ.ପି.ଙ୍କ ଗସ୍ତ ଓ ସୁରକ୍ଷା ସମ୍ବନ୍ଧୀୟ ତଥ୍ୟ ସାମାଜିକ ଗଣମାଧ୍ୟମରେ ପ୍ରକାଶ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ରାଜ୍ୟ ଗୃହ ବିଭାଗ ପକ୍ଷରୁ ଆଜି ଏ ସଂକ୍ରାନ୍ତ ବିଜ୍ଞପ୍ତି ପ୍ରକାଶ ପାଇଛି। ଡି.ଜି.ପି., ଆଇ.ଜି., ଗୁପ୍ତଚର ବିଭାଗ, ସମସ୍ତ ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ ଓ ପୁଲିସ ଅଧିକାରୀଙ୍କୁ ସତର୍କତା ଅବଲମ୍ବନ କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସାମାଜିକ ଗଣମାଧ୍ୟମରେ ଭି.ଭି.ଆଇ.ପି.ଙ୍କ ଗସ୍ତ ସମ୍ବନ୍ଧୀୟ ସୂଚନା ପ୍ରଘଟ ହେଉଥିବାରୁ ସରକାରଙ୍କ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି।

Desk

## ବିହନ ବଣ୍ଟନ

ଆସନ୍ତା ମାସ ପହିଲାରୁ ଚାଷୀଙ୍କୁ ପ୍ରାମାଣିକ ବିହନ ବଣ୍ଟନ ପ୍ରକ୍ରିୟା ଆରମ୍ଭ କରିବା ପାଇଁ କୃଷି ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଚଳିତ ବର୍ଷ ରାଜ୍ୟରେ ସ୍ୱାଭାବିକଠାରୁ କମ୍ ମୌସୁମୀ ବର୍ଷା ଏବଂ ଏଲ୍ ନିନୋର ପ୍ରଭାବକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆଗାମୀ ଖରିଫ ଋତୁ ପାଇଁ ପ୍ରାକ୍ ପ୍ରସ୍ତୁତି ନେଇ ସମୀକ୍ଷା କରାଯାଇଛି। ମରୁଡ଼ି ସ୍ଥିତିର ମୁକାବିଲା ପାଇଁ କୃଷକଙ୍କୁ ସଚେତନ କରାଯିବାକୁ ନିଷ୍ପତ୍ତି ହୋଇଛି। ବିହନ ବଣ୍ଟନରେ

ଦୁର୍ଗମ ତଥା କମ୍ ବୃଷ୍ଟିପାତ ନେଇ ପ୍ରଭାବିତ ହେଉଥିବା ଜିଲ୍ଲାଗୁଡ଼ିକୁ ପ୍ରାଥମିକତା ପ୍ରଦାନ କରାଯିବ। ବିଶ୍ୱ ବଜାରରେ ଅନିଶ୍ଚିତତା ସତ୍ତ୍ୱେ ସାର କମ୍ପାନୀଗୁଡ଼ିକ ପକ୍ଷରୁ ରାଜ୍ୟରେ ଯୋଗାଣ ଅବ୍ୟାହତ ରହିବ ବୋଲି କୃଷି ବିଭାଗ ସୂଚନା ଦେଇଛି। ମାର୍କଫେଡ୍, ପାକ୍ସ ଏବଂ ଲାମ୍ପ୍ସ ମାଧ୍ୟମରେ ଚାଷୀଙ୍କ ପାଖରେ ନିରନ୍ତର ସାର ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ଉଚ୍ଚଜମି ଏବଂ ବର୍ଷା ଉପରେ ନିର୍ଭରଶୀଳ ଅଞ୍ଚଳଗୁଡ଼ିକରେ ଫସଲ ବିବିଧିକରଣକୁ ଗୁରୁତ୍ୱ ଦେବାକୁ ଜିଲ୍ଲା କୃଷି ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି। ମୌସୁମୀ ପହଁଞ୍ଚିବାରେ ବିଳମ୍ବ କ୍ଷେତ୍ରରେ ଗୋଷ୍ଠୀ ଭିତ୍ତିକ ନର୍ସରୀ ବ୍ୟବସ୍ଥା ଗ୍ରହଣ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି।

Desk

## ଇଦ୍-ଉଜ୍-ଜୁହା

ମୁସଲମାନ ସମ୍ପ୍ରଦାୟର ଧାର୍ମିକ ପର୍ବ ଇଦ୍-ଉଜ୍-ଜୁହା ଆଜି ପାଳନ କରାଯାଉଛି । ଏହି ଅବସରରେ ବିଭିନ୍ନ ଇଦଗାହ ଓ ମସ୍‌ଜିଦ୍‌ରେ ସମୂହ ନମାଜପାଠର ଆୟୋଜନ କରାଯାଇଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇଦ୍-ଉଜ୍-ଜୁହାର ଶୁଭେଚ୍ଛା ଜଣାଇ କହିଛନ୍ତି, ଆଜିର ଦିନରେ ସମାଜରେ ଭାଇଚାରା ଏବଂ ଖୁସିର ଭାବନା ଆହୁରି ଗଭୀର ହେଉ। ଏହି ଅବସରରେ ଶ୍ରୀ ମୋଦୀ ସମସ୍ତଙ୍କ ସଫଳତା ଏବଂ ଉତ୍ତମ ସ୍ୱାସ୍ଥ୍ୟ ପାଇଁ କାମନା କରିଛନ୍ତି।

ଇଦ୍-ଉଜ୍-ଜୁହା ଉପଲକ୍ଷେ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀ ମାନଙ୍କୁ ରାଜ୍ୟପାଳ ହରିବାବୁ କମ୍ଭମପାଟି ଶୁଭେଚ୍ଛା ଜଣାଇଛନ୍ତି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏହି ଉପଲକ୍ଷେ ଶୁଭେଚ୍ଛା ଜଣାଇବା ସହ ସମସ୍ତଙ୍କର ସୁଖ, ସମୃଦ୍ଧି କାମନା କରିଛନ୍ତି ।

Kendrapara/BHK

## ଇଦ୍-ଉଲ୍-ଜୁହା

ଭଦ୍ରକ ଜିଲ୍ଲା ଧାମନଗର ସହିତ ବିଭିନ୍ନ ସ୍ଥାନରେ ଇଦ୍-ଉଜ୍-ଜୁହା ପର୍ବ ଶାନ୍ତିଶୃଙ୍ଖଳାର ସହିତ ପାଳିତ ହୋଇଛି। ୪ଟି ପୌରାଞ୍ଚଳ ସହିତ ୭ଟି ବ୍ଲକର ୧୪୬ଟି ମସଜିଦ୍‌ରେ ସାମୂହିକ ପ୍ରାର୍ଥନା, ନମାଜ ପାଠ ଆଦି ଅନୁଷ୍ଠିତ ହୋଇଯାଇଛି।

କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ସ୍ଥାନରେ ଇଦ୍-ଉଜ୍-ଜୁହା ପର୍ବ ପାଳିତ ହୋଇଯାଇଛି। ସହରର ଫକୀରାବାଦ, ଗୌଡ଼ଗୋପର, ମେହବୁବାବାଦ, ରଣପଡ଼ା, ଇଦ୍‌ଗା ମହଲା ଆଦି ସ୍ଥାନରେ ସାମୂହିକ ନମାଜ ପାଠକ କରାଯାଇଥିଲା।

Desk

## ରକ୍ତ କର୍କଟ ଦିବସ

ରକ୍ତକର୍କଟ ରୋଗ ସମ୍ପର୍କରେ ଜନସଚେତନତା ବୃଦ୍ଧି ଉଦ୍ଦେଶ୍ୟରେ ପ୍ରତିବର୍ଷ ମେ’ ୨୮ ତାରିଖକୁ ରକ୍ତକର୍କଟ ଦିବସ ଭାବେ ପାଳନ କରାଯାଉଛି। ଚଳିତ ବର୍ଷର ବାର୍ତ୍ତା ରହିଛି ‘ଶ୍ରେଷ୍ଠତ୍ୱ ପାଇଁ ଏକାଠି

ହେବା।' ଗତ ବର୍ଷଠାରୁ ଆସନ୍ତା ବର୍ଷ ପର୍ଯ୍ୟନ୍ତ ତିନି ବର୍ଷ ପାଇଁ ଏହି ପ୍ରସଙ୍ଗ ଆଧାରରେ ରକ୍ତକର୍କଟ ଦିବସ ପାଳନ କରାଯାଉଛି। ଏହି ରୋଗ ଅସ୍ଥିମଜ୍ଜାରୁ ଆରମ୍ଭ ହେବା ସହ ରକ୍ତକୋଷର ଉତ୍ପାଦନ ଓ କାର୍ଯ୍ୟକୁ ପ୍ରଭାବିତ କରିଥାଏ। ଫଳରେ ଆକ୍ରାନ୍ତ ରୋଗୀଙ୍କ ରକ୍ତକୋଷର ଅନିୟନ୍ତ୍ରିତ ବୃଦ୍ଧି ହେବା ସହ ବିକାଶ ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଥାଏ। ଲ୍ୟୁକୋମିୟା, ଲିମ୍ଫୋମା ଏବଂ ମାୟୋଲୋମା ଭଳି ରକ୍ତକର୍କଟ ରୋଗ ସମ୍ପର୍କରେ ଜନ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ପ୍ରତିବର୍ଷ ବିଶ୍ୱ ରକ୍ତକର୍କଟ ଦିବସ ପାଳନ କରାଯାଇଥାଏ।

ବିଶ୍ୱ ରକ୍ତକର୍କଟ ଦିବସ ଅବସରରେ **ସ୍ୱାସ୍ଥ୍ୟମନ୍ତ୍ରୀ** ଡକ୍ଟର ମୁକେଶ ମହାଲିଙ୍ଗ ରକ୍ତ କର୍କଟ ସମ୍ପର୍କରେ ସଚେତନତା ସୃଷ୍ଟି ଏବଂ ଏହି ରୋଗରେ ପୀଡ଼ିତ ବ୍ୟକ୍ତିଙ୍କ ପ୍ରତି ସହଯୋଗ ଓ ସହାନୁଭୂତିର ହାତ ବଢ଼ାଇବା ପାଇଁ ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ସମୟୋପଯୁକ୍ତ ପରୀକ୍ଷା, ସୁସ୍ଥ ଜୀବନଶୈଳୀ ଏବଂ ସକାରାତ୍ମକ ମନୋଭାବ ଦ୍ୱାରା ଏହି ରୋଗ ବିରୋଧରେ ଲଢ଼େଇକୁ ଆହୁରି ସଶକ୍ତ କରିବ ହେବ ବୋଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି। ସଚେତନ ହୋଇ ସୁସ୍ଥ ସମାଜ ଗଠନରେ ଭାଗିଦାରୀ ହେବାକୁ ସମସ୍ତଙ୍କୁ ଡକ୍ଟର ମହାଲିଙ୍ଗ ଆହ୍ୱାନ ଦେଇଛନ୍ତି।

Desk

## ଋତୁସ୍ରାବ ସ୍ୱଚ୍ଛତା ଦିବସ

ଋତୁସ୍ରାବ ସମ୍ପର୍କରେ ଭ୍ରାନ୍ତ ଦୂର, ମହିଳା ଓ କିଶୋରୀଙ୍କ ମଧ୍ୟରେ ସଚେତନତା ବୃଦ୍ଧି, ସ୍ୱଚ୍ଛ ଓ ସୁରକ୍ଷିତ ଋତୁସ୍ରାବ ପରିଚର୍ଯ୍ୟାକୁ ପ୍ରୋତ୍ସାହନ

ଦେବା ଉଦ୍ଦେଶ୍ୟରେ ପ୍ରତି ବର୍ଷ ମେ' ୨୮ ତାରିଖକୁ ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ ଭାବେ ପାଳନ କରାଯାଉଛି। ଋତୁସ୍ରାବ ମହିଳାଙ୍କ ଜୀବନର ଏକ ସ୍ୱାଭାବିକ ପ୍ରକ୍ରିୟା ହୋଇଥିଲେ ମଧ୍ୟ ଏହାକୁ ନେଇ ଲଜ୍ଜା, ଅନ୍ଧବିଶ୍ୱାସ ଓ ବିଭିନ୍ନ କୁସଂସ୍କାର ଦେଖା ଦେଇଥାଏ। ସଚେତନତା ଅଭାବରୁ ଅନେକ କିଶୋରୀ ଏହାଦ୍ୱାରା ପ୍ରଭାବିତ ହେବା ସହ ଶାରୀରିକ ସମସ୍ୟା ଓ ସଂକ୍ରମଣର ଶିକାର ହୋଇଥାନ୍ତି। ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଋତୁସ୍ରାବ ସମୟରେ ସ୍ୱଚ୍ଛତା ପ୍ରତି ଯତ୍ନବାନ ହେବା ସହିତ ପୁଷ୍ଟିକର ଖାଦ୍ୟ ଓ ପର୍ଯ୍ୟାପ୍ତ ପାଣି ପିଇବାକୁ ପରାମର୍ଶ ଦେଇଥାନ୍ତି। ସରକାର ଓ ବିଭିନ୍ନ ସଂଗଠନ ପକ୍ଷରୁ ଏ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ନିଃଶୁଳ୍କରେ ସାନିଟାରୀ ପ୍ୟାଡ୍ ବଣ୍ଟନ ଓ ବିଦ୍ୟାଳୟସ୍ତରରେ ସ୍ୱାସ୍ଥ୍ୟ ଶିକ୍ଷା ଭଳି ପଦକ୍ଷେପ ଗ୍ରହଣ କରାଯାଉଛି। ଋତୁସ୍ରାବ ସମ୍ପର୍କରେ ଆଲୋଚନା, ସଠିକ୍ ତଥ୍ୟ, ସ୍ୱଚ୍ଛତା ପ୍ରତି ସଚେତନତା ମାଧ୍ୟମରେ ମହିଳାଙ୍କ ସ୍ୱାସ୍ଥ୍ୟ ଓ ସମ୍ମାନକୁ ସୁରକ୍ଷିତ ରଖାଯାଇ ପାରିବ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଦିବସ ପାଳନ ଅବସରରେ କିଶୋରୀ ଓ ମହିଳାଙ୍କ ସମ୍ମାନ, ସଚେତନତା ଓ ଉତ୍ତମ ସ୍ୱାସ୍ଥ୍ୟ ଦିଗରେ ଅଙ୍ଗୀକାରବଦ୍ଧତା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି। ଏ ସମ୍ପର୍କରେ ସଚେତନତା ସୃଷ୍ଟି ମାଧ୍ୟମରେ ଅନ୍ଧବିଶ୍ୱାସ ଦୂର କରିବାକୁ ରାଜ୍ୟବ୍ୟାପୀ ସରକାରଙ୍କ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି।

Desk

## ଇଭି ବୋଟ୍

ରାଜ୍ୟରେ ଆଗାମୀ ଦିନରେ ଡିଜେଲ ବୋଟ୍ ବଦଳରେ ବୈଦ୍ୟୁତିକ ଚାଳିତ–ଇଭି ବୋଟ୍ ଚାଲିବ ବୋଲି ପର୍ଯ୍ୟଟନ ବିଭାଗ ପକ୍ଷରୁ କୁହାଯାଇଛି । ପ୍ରଥମ ପର୍ଯ୍ୟାୟରେ ୫ଟି ସ୍ଥାନରେ ଇଭି ବୋଟ୍ ବ୍ୟବସ୍ଥା କରାଯିବ । କୋଲାବ, ହୀରାକୁଦ, ଭିତରକନିକା ଓ ବରକୂଳ ପାଇଁ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇଛି ।

Boudh

## ସମନ୍ୱୟ ବୈଠକ

ବୌଦ୍ଧ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଏକ ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ମାତୃ ଏବଂ ଶିଶୁ ମୃତ୍ୟୁହାର ସମ୍ପର୍କରେ ବୈଠକରେ ସମୀକ୍ଷା କରାଯାଇଛି ।

Baragarh

## ଏସ୍.ଆଇ.ଆର୍

ବରଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ– ଏସ୍.ଆଇ.ଆର୍. ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି, ତ୍ରୁଟି ସଂଶୋଧନ ଏବଂ

ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି ସମ୍ପର୍କରେ ଶିବିରରେ ପ୍ରଶିକ୍ଷଣ ଦିଆଯାଇଥିଲା ।

Desk

# ପାଣିପାଗ

ରାଜ୍ୟରେ କାଳବୈଶାଖୀ ବର୍ଷା ପ୍ରଭାବରେ କେତେକ ଅଞ୍ଚଳରେ ତାପମାତ୍ରା ସାମାନ୍ୟ ହ୍ରାସ ପାଇଛି । ତେବେ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨ ଦିନ ପର୍ଯ୍ୟନ୍ତ ଗରମ ଓ ଗୁଳଗୁଳି ଜାରି ରହିପାରେ । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହିତ ବର୍ଷା ହେବା ନେଇ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୧୬ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଏହି ସମୟ ମଧ୍ୟରେ ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳ ଜିଲ୍ଲାର ଆଠମଲ୍ଲିକରେ ସର୍ବାଧିକ ୭୫ ଦଶମିକ ୨ ମିଲିମିଟର ବର୍ଷାରେ ରେକର୍ଡ କରାଯାଇଛି ।